# ୪ ବର୍ଷ ନ ପୂରୁଣୁ ଓଭରହେଡ୍ ଟାଙ୍କିରୁ ଗଳୁଛି ପାଣି

ବିଷମକଟକ,୧୬।୫(ଡି.ଏନ୍.ଏ.)–

କାର୍ଯ୍ୟକ୍ଷମ ହେବାର ୪ ବର୍ଷ ନ ପୂରୁଣୁ ଓଭରହେଡ୍ ଟାଙ୍କିରୁ ଗଳୁଛି ପାଣି। ବିଭାଗୀୟ ଅଧିକାରୀ ଟାଙ୍କିରେ ରଙ୍ଗ ମାରିବାକୁ ଭୁଲିଲେନି କିନ୍ତୁ ପାଣି ଗଳୁଥିବା ସେମାନଙ୍କ ନଜରକୁ ଆସିଲାନି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର ଖାମଖିଆଲ ନୀତି ଏଠାରେ ପଦାରେ ପଡ଼ିଛି।

ଦୁର୍ଗୀ ପଞ୍ଚାୟତ ସଦର ଅଞ୍ଚଳରେ ଜଳକଷ୍ଟ ଦେଖାଦେବାରୁ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୭ରେ ବସୁଧା ଯୋଜନାରେ ଦୁର୍ଗୀ ଜଗନ୍ନାଥ ମନ୍ଦିର ନିକଟରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ରାୟଗଡ଼ାର ଜଣେ ଠିକାଦାର କାର୍ଯ୍ୟାଦେଶ ପାଇବା ପରେ ନିର୍ମାଣ କାମ ଆରମ୍ଭ କରି ୨୦୧୮ ରେ ସମ୍ପୂର୍ଣ୍ଣ କରିଥିଲେ। କାମ ଶେଷ ହେବା ପରେ ସ୍ଥାନୀୟ ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେଉଛନ୍ତି।

ପରିତାପର ବିଷୟ ହେଲା ଜଳ ଯୋଗାଣ ଆରମ୍ଭ ହୋଇ ୪ ବର୍ଷ ପୂରି ନ ଥିବାବେଳେ ଓଭରହେଡ୍ ଟାଙ୍କିରୁ ପାଣି ଗଳୁଛି। ବର୍ଷେ ହେଲା ଏହି ଟାଙ୍କିରୁ ପାଣି ଗଳୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସେମାନେ କହିଛନ୍ତି। ସେହିପରି କୌଣସି ପରିସ୍ଥିତିରେ ଟାଙ୍କି ଭୁଷୁଡ଼ି ଧନଜୀବନ ନଷ୍ଟ ହେବା ଆଶଙ୍କା ମଧ୍ୟ ରହିଥିବା ପଞ୍ଚାୟତବାସୀ କହିଛନ୍ତି। ନିର୍ମାଣ କାମ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ନ ରହିବା ଯୋଗୁ ଠିକାଦାର ଏଭଳି ନିମ୍ନମାନର କାମ କରୁଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଅଭିଯୋଗ କରିଛନ୍ତି। ବର୍ଷେ ହେଲା ଟାଙ୍କିରୁ ପାଣି ଗଳୁଥିବାବେଳେ ତାହାର କୌଣସି ବ୍ୟବସ୍ଥା ନ କରି ଓଭରହେଡ୍ ଟାଙ୍କିକୁ ରଙ୍ଗ କରି ଅର୍ଥ ବ୍ୟୟ କରିବାକୁ ନେଇ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏହା ବ୍ୟତୀତ ବିଷମକଟକ ବ୍ଲକର ଅନ୍ୟ କୋଡାଟି ଓଭରହେଡ୍ ଟାଙ୍କି ମଧ୍ୟ ଗଳୁଥିବା ନଜରକୁ ଆସିଛି। ଏଭଳି ପରିସ୍ଥିତିରେ ସେଗୁଡ଼ିକର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା କରିବାରେ ଅର୍ଥ ଖର୍ଚ୍ଚ ନ କରି ରଙ୍ଗ କରିବାରେ ବ୍ୟୟ କରିବାକୁ ନେଇ ଅସନ୍ତୋଷ ବଢ଼ୁଛି।


ଦୁର୍ଗୀ ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ୍ ଟାଙ୍କି ।

- ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଖାମଖିଆଲି ନୀତି
- ଠିକାଦାରଙ୍କ କାମବେଳେ ଉପସ୍ଥିତ ରହୁନାହାଁନ୍ତି ଅଧିକାରୀ
- ମରାମତି ବଦଳରେ ଟାଙ୍କିକୁ ରଙ୍ଗ କରି ଟଙ୍କା ବ୍ୟୟ କରାଯାଉଛି

ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ରଙ୍କୁ ମୋବାଇଲ ନଂ. ୯୪୩୯୧୨୪୨୭୭ ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ସେହିପରି ବିଭାଗୀୟ ଏସ୍‌ଡିଓ ରାଜକିଶୋର ଭୂମିଜଙ୍କ ପ୍ରତିକ୍ରିୟା ନେବାକୁ ୮୨୮୦୪୦୮୨୪୫ ରେ ଫୋନ୍ କରିବାରୁ ସେ ଘଟଣା ବିଷୟରେ ବୁଝି କରିବି ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଆଉ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

ଗୁଣପୁର,୧୬।୫(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ମାଛଖୁଣ୍ଟି ଠାରେ ସୋମବାର ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହାଡୁଗୁଡ଼ା ଗ୍ରାମର ବଞ୍ଜନ ଶବର। ଦୁର୍ଘଟଣାରେ ଅନ୍ୟ ଦୁଇ ଜଣ ଗୁରୁତର ମଧ୍ୟ ହୋଇଛନ୍ତି। ଘଟଣାରୁ ପ୍ରକାଶ, ବି. ଭଗବାନ ନାମକ ବ୍ୟକ୍ତି ବାଇକ୍ ଯୋଗେ ଜଗନ୍ନାଥପୁର ଯାଉଥିଲେ। ଏହି ସମୟରେ ବଞ୍ଜନ ଶବର ଝମ୍ପାପୁରରୁ ଚାଷକାମ ସାରି ଘରକୁ ଯାଇଥିଲେ। ମାଛଖୁଣ୍ଟିଠାରେ ଉଭୟ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ବଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ବି. ଭଗବାନ ଏବଂ ଅନ୍ୟ ଜଣେ ବ୍ୟକ୍ତି ଗୁରୁତରଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟମତ ଗୁରୁତର ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ।

### ୧୦ ଦିନ ହେଲା ଅନ୍ଧାରରେ ଝିମାଙ୍ଗିଆ

ଜି.ଉଦୟଗିରି,୧୬।୫(ଡି.ଏନ.ଏ.):ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଜି. ଉଦୟଗିରି ନିକଟସ୍ଥ ରଟିଙ୍ଗିଆ ପଞ୍ଚାୟତର ଝିମାଙ୍ଗିଆରେ ୧୦ ଦିନ ହେବ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ଗ୍ରାମବାସୀ କଲବଲ ହେଲେଣି। ବିଦ୍ୟୁତ ନ ଥିବା କାରଣରୁ ପାନୀୟ ଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି। କୂଅ ପୋଖରୀ ଶୁଖିଲା ପଡିଥିବା ବେଳେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଦିନ ପରେ ଦିନ ଗଡେଇ ଚାଲିଥିବା କଥା କହିଛନ୍ତି ଗ୍ରାମବାସୀ। ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ବିଦ୍ୟୁତ ସରବରାହ ଆରମ୍ଭ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜି.ଉଦୟଗିରି କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁଙ୍କୁ ପଚାରିବାରେ ତାଙ୍କ ପାଖରେ ଖବର ନାହିଁ ଏବଂ ସେ ଅନ୍ୟତ୍ର ବଦଳି ହୋଇ ରବିବାରଠାରୁ ରିଲିଭ ହୋଇଗଲେଣି ବୋଲି କହିଛନ୍ତି।

### ଗୁଣି ସନ୍ଦେହରେ ମାଡ଼, ଦାନ୍ତ ଭାଙ୍ଗିବା ଘଟଣା

#### ଆହତଙ୍କ ଭଉଣୀ ଦେଲେ ଏତଲା

ଗଞ୍ଜାମ,୧୬।୫(ଡି.ଏନ.ଏ.)- ରମ୍ଭା ଥାନା ଅନ୍ତର୍ଗତ ଗଡ଼ ହୁମ୍ମା ଗ୍ରାମରେ ଦୁଇ ଜଣଙ୍କୁ ବାନ୍ଧି ମାଡ଼ ମାରିବା ସହ ଦାନ୍ତ ଭାଙ୍ଗିବା ଘଟଣାରେ ଆହତ କିଶୋର ଦାସଙ୍କ ଭଉଣୀ ସୋମବାର ଗ୍ରାମର ୬ଜଣ ଊର୍ଦ୍ଧ୍ୱଙ୍କ ନାଁରେ ଏତଲା ଦେଇଛନ୍ତି। ଏହି ଘଟଣାରେ ଆହତ ଦିଅର ଭାଉଜ ବର୍ତ୍ତମାନ ସୁସ୍ଥ ହୋଇଥିଲେ ମଧ୍ୟ ସେମାନେ ପୋଲିସ ହେପାଜତରେ ଥିବା ଜଣାପଡ଼ିଛି। ଗ୍ରାମରେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ରମ୍ଭା ଥାନା ଓ ହୁମ୍ମା ଫାଣ୍ଡି ପୋଲିସ ତୀକ୍ଷ୍ଣ ନଜର ରଖିଛି । ରମ୍ଭା ଥାନା ପୋଲିସ ନଂ.୨୦୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚାଳାଉଛି। ସୂଚନାଥାଉକି, ଗତ ଶନିବାର ବିଳମ୍ବିତ ରାତିରେ ଗୁଣି ଗାରେଡିକୁ ନେଇ ଗ୍ରାମର କିଶୋର ଦାସ ଓ ମହିଳା ରଞ୍ଜୁ ଦାସ ଦୁଇ ଜଣଙ୍କୁ କୋଠି କାଟୁଥିବା ବେଳେ ଗ୍ରାମାବାସୀ ବାନ୍ଧିବା ସହ ମାଡ଼ ମାରି ଦାନ୍ତ ଭାଙ୍ଗି ଦେଇଥିଲେ। ଯାହାକୁ ନେଇ ପୋଲିସ ପ୍ରଶାସନ ପହଞ୍ଚି ଆହତ ଦ୍ୱୟଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଘଟଣା ପରେ ଗ୍ରାମରେ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହେଇଥିଲା। ଗ୍ରାମରେ ପୋଲିସ ପ୍ରଶାସନ ଓ ଭଦ୍ର ବ୍ୟକ୍ତିମାନଙ୍କୁ ନେଇ ଗୁଣି ଗାରେଡି ଓ ଶାନ୍ତି ପ୍ରତିଷ୍ଠା ପାଇଁ ସଚେତନତା ସଭା କରାଯାଇଥିଲା। ବର୍ତ୍ତମାନ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଫଳରେ ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣ ରହିଛି।

# ବ୍ୟାଙ୍କ କର୍ମଚାରୀଙ୍କ ନାଁରେ ଋଣ ଟଙ୍କା ଆତ୍ମସାତ୍ ଅଭିଯୋଗ

ଆର.ଉଦୟଗିରି,୧୬।୫(ଡି.ଏନ.ଏ.)

ଗଜପତି ଜିଲାରେ ଏକ ବ୍ୟାଙ୍କର ସାରଳାପଦର ଶାଖା ଆର. ଉଦୟଗିରିରେ ବ୍ୟାଙ୍କ କାର୍ଯ୍ୟାଳୟ ସ୍ଥାପନ କରି ଆଦିବାସୀମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଆର. ଉଦୟଗିରି ବ୍ଲକ ଛେଳିଗଡ ବୁଡି ଅଞ୍ଚଳର ୨୦୦୮–୦୯ରେ ବ୍ୟାଙ୍କ କର୍ମଚାରୀମାନେ ସରକାରୀ ସହାୟତା ଯୋଗାଇଦେବା ଓ ସରକାରଙ୍କ ରିହାତି ଋଣ ଯୋଗାଇଦେବା ନାମରେ ବୁଡି ଅଞ୍ଚଳର ୫୬ ଜଣ ପରିବାରଙ୍କୁ ଠାରୁ ଜମିପଟା, ଆଧାର କାର୍ଡ, ଭୋଟ ପରିଚୟ ପତ୍ର ସହିତ ହିତାଧିକାରୀଙ୍କ ସ୍ୱାକ୍ଷର ନିଆଯାଇଥିଲା। କିନ୍ତୁ ଦୀର୍ଘ ୫ ବର୍ଷ ପରେ ଜଣପିଛା ୫୦ ହଜାର ଋଣ ପରିଶୋଧ କରିବାକୁ ବ୍ୟାଙ୍କ ପକ୍ଷରୁ ନୋଟିସ କରାଗଲା। ଏ ନେଇ ହିତାଧିକାରୀମାନେ ଆଦିବାସୀ ସୁରକ୍ଷା ମଞ୍ଚର ସଭାପତି ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ ବ୍ୟାଙ୍କ ଘେରାଉ କରିଥିଲେ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଋଣ ଟଙ୍କା ଆତ୍ମସାତ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। କିନ୍ତୁ ସେହି ନୋଟିସରେ କେସ ନମ୍ବର ନଥିବା ଯୋଗୁ ଏହାକୁ ସନ୍ଦେହ କରି ଉପସ୍ଥିତ ହୋଇନାହାନ୍ତି ବ୍ୟାଙ୍କ ଦ୍ୱାରା ନୋଟିସ ପାଇଥିବା ଋଣ ଖିଲାପି। ଏହାର ଏକ ନିରପେକ୍ଷ ତଦନ୍ତ କରି ଋଣ ଛାଡ କରିବାକୁ ଓଡିଶା ଆଦିବାସୀ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଦଣ୍ଡପାଣି ରଇତ ଦାବି କରିଛନ୍ତି।

**MILK UNION SAMBALPUR**
**VEHICLE REQUIRED ON HIRE**
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**

# ରାମନାଗୁଡ଼ା ତହସିଲଦାରଙ୍କ ବିରୋଧରେ ମାମଲା

ଗୁଣପୁର,୧୬।୫(ଡି.ଏନ.ଏ.)

**ଅଭିଯୋଗକାରୀଙ୍କ ବୟାନ ରେକର୍ଡ**

ରାୟଗଡ଼ା ଜିଲା ରାମନାଗୁଡ଼ା ତହସିଲଦାର ପ୍ରଭାତି ଝୋଡ଼ିଆଙ୍କ ବିରୋଧରେ ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ ହୋଇଛି। ମାଡ଼ ମାରିବାକୁ ଉଦ୍ୟମ ଏବଂ ହତ୍ୟା ଧମକ ନେଇ ବାଲି ଠିକାଦାର ତଥା ବ୍ୟବସାୟୀ ଜାମି ଭେଙ୍କଟ ଅଭିଯୋଗ କରିଛନ୍ତି। ସୋମବାର ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଥିବା ଭେଙ୍କଟ ରାଓଙ୍କ ଓକିଲ ଡି. ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

ମାମଲାର ବିବରଣୀରୁ ଜଣାଯାଏ, ଏପ୍ରିଲ ୨ରେ ରାମନାଗୁଡ଼ା ତହସିଲ ଅଫିସରେ ବାଲି ଲିଜ୍ ପାଇଁ ଟେଣ୍ଡର ବାକ୍ସ ଖୋଲାଯାଇଥିଲା। ଏଥିଲାଗି ଜାମି ଭେଙ୍କଟ ସମସ୍ତ ଟେଣ୍ଡର ପେପର ଏବଂ ଅନ୍ୟ କାଗଜପତ୍ର ନେଇ ରାମନାଗୁଡ଼ା ତହସିଲ ଅଫିସରେ ଉପସ୍ଥିତ ଥିଲେ। ଏହି ସମୟରେ ତହସିଲଦାର ତାଙ୍କୁ ଗାଳିଗୁଲଜ କରିବା ସହ ସ୍ଥାନ ଛାଡ଼ି ଚାଲିଯିବାକୁ କହିଥିଲେ। ଜାମି ଭେଙ୍କେଟ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବା ପାଇଁ ହାଇକୋର୍ଟଙ୍କ ଆଦେଶ ତହସିଲାଦାରଙ୍କ ନିକଟରେ ଦାଖଲ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ତହସିଲଦାର ତାଙ୍କୁ ଚାପୁଡ଼ା ମାରିବାକୁ ଉଦ୍ୟମ କରିବା ସହ କୌଣସି କୋର୍ଟ ଆଦେଶକୁ ସେ ଖାତିର କରନ୍ତି ନାହିଁ ବୋଲି କହିଥିଲେ। ଜାମି ଭେଙ୍କଟଙ୍କ ସହ ସେଠାରେ ଉପସ୍ଥିତ ଥିବା ମାଟାଲିଙ୍ଗା ରାଜୁ ଦୁର୍ବ୍ୟବହାରର ପ୍ରତିବାଦ କରିବାରୁ ତହସିଲଦାର ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏମିତିକି ଅଫିସ ପରିସରରୁ ନ ଗଲେ ମିଥ୍ୟା ମାମଲା ରୁଜୁ କରିବେ ଏବଂ ଗାଡ଼ି ଚଢ଼ାଇ ମାରିଦେବେ ବୋଲି ଧମକ ଦେଇଥିବା ନେଇ ଜାମି ଭେଙ୍କଟ ଗୁଣପୁର ଥାନାରେ ତହସିଲଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ମେ ୨ରେ ଜାମି ଭେଙ୍କଟ କୌଣସି କାମରେ ରାମନାଗୁଡ଼ା ତହସିଲ ଅଫିସକୁ ଯାଇଥିଲେ। ଏହି ସମୟରେ ଗୁଣପୁର ଥାନାରୁ ମାମଲା ପ୍ରତ୍ୟାହାର ନିମନ୍ତେ ତହସିଲ ଅଫିସ୍‌ର କର୍ମଚାରୀ ଖଡୁ ବାଉରି ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ପରବର୍ତ୍ତୀ ସମୟରେ ଗୁଣପୁର କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମେ ୪ ରେ ତହସିଲଦାରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

# ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ

ରାୟଗଡ଼ା ଅଫିସ,୧୬।୫–

ନବ ଭାରତ ନିର୍ମାଣ ସେବା ପାର୍ଟି କାର୍ଯ୍ୟାଳୟଠାରେ ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ବୁଦ୍ଧଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ବୁଦ୍ଧଙ୍କ ନୀତି ଓ ଆଦର୍ଶରେ ଚାଲିବା ପାଇଁ ଏଠାରେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ାର ଆଇନଜୀବୀ ପ୍ରଦୀପ ଦାସ ଯୋଗଦେଇ ଗୌତମ ବୁଦ୍ଧଙ୍କ ଜୀବନଶୈଳୀ ବିଷୟରେ ଆଲୋକପାତ କରିଥିଲେ। ପାର୍ଟିର ଜାତୀୟ ସଭାପତି ବୋମାଲି କାନ୍ତ ରାଓ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେବାସ୍ତମ୍ଭ, ବାମ୍‌ସେଫ ଓ ନବ ଭାରତ ନିର୍ମାଣ ସେବା ପାର୍ଟି ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସେବା ସ୍ତମ୍ଭର ଗୌରୀ ଦୋରା, ପ୍ରତାପ ବାତ୍ରୀଆ, ନବଭାରତ ନିର୍ମାଣ ସେବା ପାର୍ଟିର ପୋରାଧକ୍ଷ ପ୍ରାର୍ଥୀ ଇ. ବାବୁରାଓ, ୟାଡାଗଲା ଜମ୍ପୋ ବାମସେଫ୍‌ର ଦେଓମୂର୍ତ୍ତି ପାତିକା, ସାମାଜିକକର୍ମୀ କୁମାରୀ ବାଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ୬.୨୬ ଲକ୍ଷ ବ୍ୟୟରେ ହେବ ମିନି ପାର୍କ


ଭୂମିପୂଜନ କାର୍ଯ୍ୟକ୍ରମରେ ନଗରପାଳ, ଉପନଗରପାଳ ଓ ଅନ୍ୟମାନେ।

ରାୟଗଡ଼ା ଅଫିସ,୧୬।୫

ରାୟଗଡ଼ା ସହର ବ୍ରାହ୍ମଣ ସାହି ହାରିଶ୍ଚନ୍ଦ୍ର ଘାଟି ପାର୍ଶ୍ୱରେ ପୌର ପରିଷଦ ପକ୍ଷରୁ ମିନି ପାର୍କ କରାଯିବ। ୬ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ ଏହି ପାର୍କ କରାଯିବ। ଏଥିନିମନ୍ତେ ସ୍ଥାନୀୟ କୃପାମୟୀ ଏସ୍‌ଏଚ୍‌ଜିକୁ କାର୍ଯ୍ୟାଦେଶ ଦିଆଯାଇଛି। ସୋମବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ନଗରପାଳ ମହେଶ ପଟନାୟକ, ଉପନଗରପାଳ ଶୁଭ୍ରା ପଣ୍ଡା ଓ କୃପାମୟୀ ଏସ୍‌ଏଚ୍‌ଜିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପାର୍କ ଶିଶୁଙ୍କ ସମେତ ସମସ୍ତ ବର୍ଗର ଲୋକଙ୍କ ଚିତ୍ତବିନୋଦନ ନିମନ୍ତେ ସହାୟକ ହୋଇପାରିବ ବୋଲି ନଗରପାଳ କହିଛନ୍ତି।

# କାଉ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟଚାଲାଣ

ପୋଲସରା,୧୬।୫(ଡି.ଏନ.ଏ.)

ପୋଲସରା ଥାନା ଅଧିନ କଳମ୍ବ ଗ୍ରାମରେ ସାମାନ୍ୟ କଥାରୁ ବିକାଶ ସାହୁ ଓରଫ କାଉଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଥିଲା। ଏ ନେଇ କାଉଙ୍କ ପରିବାର ପକ୍ଷରୁ ଏତଲା ପ୍ରକାରେ ପୋଲିସ ନଂ.୧୯୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିବା ପରେ ଅପରାହ୍ନରେ କୋର୍ଟଚାଲାଣ କରିଛି। ସେ ହେଲେ କଳମ୍ବ ଗ୍ରାମର ଭାଗିରଥି ପ୍ରଧାନ ଓରଫ ସମ୍ଧାରିଆ। ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, କାତିକୁ ମଧ୍ୟ ଜବତ କରାଯାଇଛି। ସୂଚନାଯୋଗ୍ୟ, କଳମ୍ବ ଗ୍ରାମରେ ନାମଯଜ୍ଞ ଚାଲିଥିବା ବେଳେ ବିକାଶ ଏବଂ ଭାଗିରଥି ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଗତ ଶନିବାର ରାତିରେ କାଉ ଘରକୁ ଫେରୁଥିବା ବେଳେ ଭାଗିରଥି ତାଙ୍କୁ ହତ୍ୟା କରିଥିବା ଘଟଣାର ତଦନ୍ତ କରୁଥିବା ପୋଲିସ ଏସଆଇ ସମୀର କୁମାର ବେହେରା ସୂଚନା ଦେଇଛନ୍ତି ।

# ପ୍ରସୂତିଙ୍କୁ ଦୁର୍ବ୍ୟବହାରର ତଦନ୍ତ ଆରମ୍ଭ

ନବରଙ୍ଗପୁର,୧୬।୫(ବି.ପ୍ର.)

ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳାରୁ ନବଜାତକ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି ଜଣେ ପ୍ରସୂତି। ପ୍ରସବ ସମୟରେ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ପରେ ସୋମାବାର ଏହାର ତଦନ୍ତ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀପ୍ରସାଦ ବେହେରା ଘଟଣାର ତଦନ୍ତ କରୁଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସନ୍ତୋଷପୁର ଗାଁର ଶୋଭା ଦେବି ଗୁପ୍ତାଙ୍କ ପ୍ରସବ ଯନ୍ତ୍ରଣା ହେବାପରେ ସେ ସ୍ଥାନୀୟ ମେଡିକାଲକୁ ଯାଇଥିଲେ। ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ। ମହିଳା ଜଣଙ୍କ ନିଜ ଦୁଇ ଝିଅଙ୍କୁ ଧରି ଶନିବାର ରାତି ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେମ୍। ସାଙ୍ଗରେ କେହି ବଡ଼ ଲୋକ ନ ଥିବାରୁ ଡାକ୍ତରଖାନା କର୍ମଚାରୀ ବିରକ୍ତି ପ୍ରକାଶ କରିଥିଲେ। ପ୍ରସବ ଯନ୍ତ୍ରଣା ଅଧିକ ହେବା ପରେ ବେଡ଼କୁ ନ ନେଇ ତଳେ ଏକ ବେଡ଼ସିଟ ପକାଇ ଲେବର ରୁମରେ ରଖିଥିଲେ। ରାତି ୧୨ ଟା ସମୟରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କର ଦ୍ୱିତୀୟ ସନ୍ତାନ ଥିବା ଜାଣି ମଧ୍ୟ ରାତି ଅଧରେ ମହିଳାଙ୍କୁ କୋରାପୁଟ ମେଡିକାଲକୁ ନବରଙ୍ଗପୁର ଡାକ୍ତରଖାନା କର୍ମଚାରୀ ରେଫର କରିଥିଲେ। ଆମ୍ବୁଲାନ୍ସରେ ମହିଳାଙ୍କୁ ନେଇ ବାଧ ବାଧକତାରେ ବସାଇଥିବା ବେଳେ ତା ଭିତରେ ସେ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଦ୍ୱିତୀୟ ସନ୍ତାନଙ୍କୁ ଡାକ୍ତରଖାନା କର୍ମଚାରୀ ମୃତ ଘୋଷଣା କରିଥିଲେ। ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ନବଜାତକଙ୍କ ମୃତ୍ୟୁ ହୋଇଛି। ପ୍ରଥମ ସନ୍ତାନଙ୍କୁ ବର୍ତ୍ତମାନ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷ ମହିଳାଙ୍କୁ ଦେଖାଇ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ସମୟରେ ଡ୍ୟୁଟିରେ ଥିବା କର୍ମଚାରୀ ପ୍ରସବ ପାଇଁ ଆସିଥିବା ମହିଳାଙ୍କୁ ମାଡ଼ ମାରିବା ସହ ଖରାପ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ ଆଣିଛନ୍ତି ଉକ୍ତ ମହିଳାଙ୍କ ଦୁଇ ଝିଅ ଆଞ୍ଚଲ(୧୩) ଓ ଦୀପା (୧୫) । ଉକ୍ତ ମହିଳାଙ୍କ ସ୍ୱାମୀ ଦଶରଥ ହରିଜନ କୌଣସି କାରଣରୁ ବାହାରକୁ ଯାଇଛନ୍ତି। ଏବେ ଦୁଇ ଝିଅ ଓ ପ୍ରସୂତିଙ୍କ ବାପା ବର୍ତ୍ତମାନ ମେଡିକାଲରେ ଉପସ୍ଥିତ ଅଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ପରେ ସୋମବାର ଘଟଣା ସମ୍ପର୍କରେ ବୁଝିବାକୁ ଭାଜପା ନେତା ଗୌରୀ ମାଝି ଡାକ୍ତରଖାନାରେ ପହଞ୍ଚି ଉକ୍ତ ମହିଳା ଏବଂ ଦୁଇ ଝିଅଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ(ମେଡ଼ିକାଲ) କାହ୍ନୁଚରଣ ପାତ୍ରଙ୍କୁ ମହିଳାଙ୍କ ନିକଟକୁ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ ନିଜ ପ୍ରତିକ୍ରିୟା କହିଛନ୍ତି।

# ସମୁଦ୍ରକୁ ମୁହାଁଇଲେ ଅଲିଭ୍ ରିଡ୍‌ଲେ ଛୁଆ

ଗଞ୍ଜାମ୧୬।୫(ଡି.ଏନ.ଏ.)

ଅଲିଭ୍ ରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ବେଳାଭୂମିରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଣ୍ଡାରୁ ଛୁଆ ଫୁଟି ଏବେ ସମୁଦ୍ରମୁହାଁ ହେଉଛନ୍ତି। ସନ୍ଧ୍ୟାରେ ଥଣ୍ଡା ପରିବେଶରେ ରାତିତମାମ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପୋତିହୋଇ ରହିଥିବା ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ପୋତି ହୋଇ ରହିଥିବା ଅଣ୍ଡାଗୁଡିକରୁ ଫୁଟିବା ପରେ ବାଲିରୁ ଛୁଆଗୁଡିକ ଗୋଟିଏ ପରେ ଗୋଟିଏ ଉପରକୁ ଉଠି ଆସିବା ପରେ ସମୁଦ୍ର ଆଡକୁ ମୁହାଉଁଛନ୍ତି।

ଚଳିତ ବର୍ଷ ଋଷିକୁଲ୍ୟା ମୁହାଣ ବେଳାଭୂମିରେ ୫ ଲକ୍ଷ ୫୦ ହଜାର ୩୧୭ ସାମୁଦ୍ରିକ କଇଁଛଙ୍କ ସାମୁହିକ ଗଣ ଅଣ୍ଡାଦାନ ହୋଇଥିଲା। ଅଣ୍ଡାଦାନର ୪୫ ରୁ ୫୦ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେଇ ବନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ଜାଲବାଡ଼ର ବ୍ୟବସ୍ଥା କରାଯାଇଛି। ସେହିପରି ଋଷିକୁଲ୍ୟା ମୁହାଁଣ ନିକଟସ୍ଥ ପୁରୁଣା ପୋଡମପେଟା ଗ୍ରାମ ଠାରୁ ଉତ୍ତର ଦିଗରେ ସିଦ୍ଧାର୍ଥ ନଗର ଗ୍ରାମ ପର୍ଯ୍ୟନ୍ତ ବନ କର୍ମଚାରୀଙ୍କୁ ମୁତୟନ କରାଯାଇ ସେମାନଙ୍କ ସୁରକ୍ଷା ପାଇଁ ସୁବ୍ୟବସ୍ଥା କରାଯାଇଛି। ଡିଏଫଓ ଅମ୍ଲାନ କୁମାର ନାୟକ ଋଷିକୁଲ୍ୟା ମୁହାଁଣ ପରିଦର୍ଶନ କରି ବନ ବିଭାଗ ଅଧିକାରୀଙ୍କ ସହ ଛୁଆ କଇଁଚଙ୍କ ସୁରକ୍ଷାକୁ ନେଇ ସମୀକ୍ଷା କରିଛନ୍ତି। ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ ଓ ରମ୍ଭା ପରେଷ୍ଟର ଅବିନାଶ ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବାଟବଣା ହୋଇଯାଉଥିବା ଛୁଆ କଇଁଚମାନଙ୍କୁ ପ୍ଲାଷ୍ଟିକ ପାତ୍ରରେ ନେଇ ସମୁଦ୍ର ଜଳରେ ଛାଡୁଥିବା ଲକ୍ଷ୍ୟ କରାଯାଉଛି।


ସମୁଦ୍ର କୂଳରେ ଅଲିଭ୍ ରିଡ୍‌ଲେ ଛୁଆଁ ।

# ଜେଏସ୍‌କୋଠାରୁ ସରକାରୀ ଖାତାକୁ ଫେରିବ ୫୦୬ ଏକର ଜମି

ରାୟଗଡ଼ା ଅଫିସ,୧୬।୫–

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ**

ରାୟଗଡ଼ାସ୍ଥିତ ଜେଏସ୍‌କୋ(ଜୟପୁର ସୁଗାର କମ୍ପାନୀ ଲିମିଟେଡ଼)ର ୫୦୬ ଏକର ୬୯୦ ଡିସିମିଲ ଜମି ସରକାରୀ ଖାତାକୁ ଫେରିବ। ହାଇକୋର୍ଟ ଏ ନେଇ ନିର୍ଦ୍ଦେଶ ଦେବାପରେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କମ୍ପାନୀର କେଉଁ କେଉଁ ଜମି ସରକାରୀ ଖାତାକୁ ଯିବ ସୋମବାର ସେଗୁଡ଼ିକୁ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର, ତହସିଲଦାର ତାପସ କୁମାର ରାଉତ, ଆର୍‌ଆଇ କେଶବ ସାହୁ ପ୍ରମୁଖ ବୁଲି ଅନୁଧ୍ୟାନ କରିଛନ୍ତି। ବାରିଖୋଲା, ସିରିକଣା, ଜୟରାମଗୁଡ଼ା ଆଦି ସ୍ଥାନରେ ରହିଥିବା ପ୍ରାୟ ୨୫୦ ଏକର ଜମି ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, କମ୍ପାନୀ ୭୮୭.୮୩ ଏକର ଜମିରେ ୧୯୩୬ରେ ଚିନି କାରଖାନା ଆରମ୍ଭ କରିଥିଲା। ୧୯୫୮ ରେ ଏକ ଫେରୋ ମାଙ୍ଗାନିଜ କାରଖାନା ପ୍ଲାଣ୍ଟ ସ୍ଥାପନ କରିଥିଲା। ତେବେ ରାୟଗଡ଼ା ପୌରାଞ୍ଚଳର ପ୍ରମୁଖ ଅଞ୍ଚଳରେ କମ୍ପାନୀ ଆବାବ୍ୟକଠାରୁ ଅଧିକ ଜମି ନିଜ ଅକ୍ତିଆରରେ ରଖିଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସିଲିଂ କେସ୍ ଦାୟର କରାଯାଇଥିଲା। ପରେ କମ୍ପାନୀ ପୁଣି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ତଳକୋର୍ଟର ରାୟକୁ କାଏମ ରଖିଥିଲେ। ଏହାପରେ ୨୦୧୩ରେ ଫେରୋମାଙ୍ଗାନିଜ କାରଖାନାର ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ପ୍ରାୟ ୩୦୦ ଏକର ଜମି ଆବଶ୍ୟକ ଥିବା କହି କମ୍ପାନୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। କମ୍ପାନୀର ଆବେଦନକୁ ହାଇକୋର୍ଟ ଖାରଜ କରି ତୁରନ୍ତ ୫୦୬ ଏକର ଜମି ସରକାରୀ ଖାତାକୁ ଫେରାଇ ଆଣିବାକୁ କୋର୍ଟ ରାୟ ପ୍ରକାଶ କରିଥିଲେ। ଏହି ରାୟକୁ ଚାଲେଞ୍ଜ କମ୍ପାନୀ କର୍ତ୍ତୃପକ୍ଷ ପୁଣି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କରି ସହରରେ ଜମି ଅଭାବକୁ ନେଇ ଉନ୍ନୟନ କାର୍ଯ୍ୟ ହେଇପାରୁ ନ ଥିବାବେଳେ ସରକାରୀ ଜମି କମ୍ପାନୀ ଅକ୍ତିଆରରେ ରହିବାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଏହାକୁ ନେଇ ପୂର୍ବରୁ ତହସିଲଦାର ବଳକ ୫୦୬ ଏକର ଜମି ଫେରସ୍ତ କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। କମ୍ପାନୀ ଅଧୀନରେ ୨୦୧ ଏକର ଜମି ରହିବ। ଏବଂ ସରକାରୀ ଖାତାକୁ ଫେରିବାକୁ ଥିବା ନିର୍ମାଣାଧୀନ ଘର, ଜଳାଶୟ, ଗଛ ବାବଦକୁ କ୍ଷତିପୂରଣ ରାଶି ଆକଳନ କରି ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମାର୍ଚ୍ଚ ୧୬ ରେ ମାମଲାର ଶୁଣାଣି କରି ହାଇକୋର୍ଟ ରାୟ ପ୍ରକାଶ କରିବା ପରେ ଜିଲା ପ୍ରଶାସନ ଜମି ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି।


ଜିଲାପାଳ, ତହସିଲଦାର ଓ ଆର୍‌ଆଇ ଜମି ନକ୍ସା ଦେଖୁଛନ୍ତି ।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ମାଲକାନଗିରି,୧୬।୫(ଡି.ଏନ୍.ଏ.)- ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି ଜିଲା ଭେଜାଗୁଡ଼ା ପୁଲାପାଲି ଗ୍ରାମର ପୀତବାସ ଖିଲ। ସୂଚନାନୁଯାୟୀ, ପୀତବାସ ଦୀର୍ଘବର୍ଷ ଧରି ଜଣେ ଯୁବତୀଙ୍କୁ ପ୍ରେମ କରି ଆସୁଥିଲେ। ଯୁବତୀଙ୍କ ବାପାଙ୍କ ମୃତ୍ୟୁ ପରେ ପୀତବାସ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ମଧ ରଖିଆସୁଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ଜଣଙ୍କ ବିବାହ ପାଇଁ ପ୍ରସ୍ତାବ ଦେଇଥିବାବେଳେ ପୀତବାସ କିନ୍ତୁ ରାଜି ହୋଇ ନ ଥିଲେ। ପୀତବାସ ବିବାହ ପାଇଁ ମନା କରିବା ପରେ ପୀଡ଼ିତା ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୬୪/୨୨ରେ ମାମଲା ରୁଜୁ କରିଥିଲା। ପୋଲିସ ମାମଲାର ତଦନ୍ତକରି ଅଭିଯୁକ୍ତ ପୀତବାସଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ୩ ଜୁଆଡ଼ି ଗିରଫ, ୨୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ମାଲକାନଗିରି,୧୬।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଅଧୀନ ଏମ୍‌ଭି-୭ ଗାଁରେ ଜୁଆଖେଳ ଚାଲିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଜୁଆ ଆଡ୍ଡାରୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍‌ଭି-୭ର ପ୍ରହଲ୍ଲାଦ ପରମାଣିକ, ତାପସ କାନ୍ତି ବିଶ୍ୱାସ ଓ ହରିମୋହନ ମଣ୍ଡଳ। ସୂଚନାନୁଯାୟୀ ମାଲକାନଗିରି ଆଦର୍ଶ ଥାନା ପୋଲିସ ପାଟ୍ରୋଲିଂ କରିବାବେଳେ ଏମ୍‌ଭି-୭ ଗ୍ରାମ ନିକଟରେ ଜୁଆଖେଳ ଚାଲିଥିବା ଜାଣିବାକୁ ପାଇଥିଲା। ପୋଲିସ ସେଠାକୁ ଯାଇ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଅନେକ ଜୁଆଡ଼ି ସେଠାରୁ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଉକ୍ତ ଜୁଆ ଆଡ୍ଡାରୁ ମୋଟ ୨୨ହଜାର ୨୩୦ଟଙ୍କା ଓ ଅନେକ ତାସମୁଠା ପୋଲିସ ଜବତ କରିଛି।

### ୨୨ ଶାଗୁଆନ ଗଣ୍ଡି ଜବତ



ରାଇଘର, ୧୬।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ସୀମାନ୍ତରେ କୁନ୍ଦେଇ ବନ ବିଭାଗ ଏକ ଗାଡିରୁ ୨୨ଟି ଶାଗୁଆନ ଗଣ୍ଡି ଜବତ କରିଛି। ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି। କାଠ ଚାଲାଣ ନେଇ କୁନ୍ଦେଇ ଫରେଷ୍ଟର ପ୍ରଫୁଲ୍ଲ ମାଝି ବିଶେଷ ସୂତ୍ରରୁ ଖବର ପାଇଥିଲେ। ଗାର୍ଡ ଭବାନୀ ବିଶୋଇ, ପାରାଗାର୍ଡ ଷ୍ଟାଫ୍, ଟ୍ରସ୍କ ଫୋର୍ସ ସହ ପାଟ୍ରୋଲିଂ କରିବାକୁ ବାହାରିଥିଲେ। ସକାଳ ୫ ଟା ସମୟରେ ଏକଭ ପିକ୍‌ଅପ୍ ଭ୍ୟାନ (ସିଜି-୦୭ସି-୧୪୯୯)କୁ ସନ୍ଦେହ କରି କୁନ୍ଦେଇ ପଞ୍ଚାୟତର ସମ୍ବଲପୁରରୁ ପିଛା କରିଥିଲେ। ପିଛା କରିବା ବେଳେ ଯୋଡ଼ିଙ୍ଗା, ନୂଆଗାଁ ଜଙ୍ଗଲ ମଧରେ ଡ୍ରାଇଭର ଗାଡ଼ି ଛାଡି ଜଙ୍ଗଲ ମଧକୁ ଦୌଡ଼ିଥିଲେ। ଡ୍ରାଇଭର ଦୌଡ଼ିବା ଦେଖି ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଗାଡି ଯାଞ୍ଚ କରିବାରୁ ତାହା ମଧରୁ ୨୨ଟି ଶାଗୁଆନ ଗଣ୍ଡି ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୯୦ ହଜାର ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରୁ ଗାଡ଼ି ସହ ଶାଗୁଆନ ଗଣ୍ଡି ଜବତ କରାଯାଇଛି।

### ପଚା ମାଛ ଖାଇ ଝାଡ଼ାବାନ୍ତିରେ ୨ ମୃତ, ୧୪ ଆକ୍ରାନ୍ତ

ଧରାକୋଟ,୧୬।୫(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଧରାକୋଟ ବ୍ଲକ ନାକଡିରି ଗାଁରେ ପଚା ମାଛ ଖାଇ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ଲାଇବାରିଆ ଗମାଙ୍ଗ ଓ ତାମଙ୍ଗ ମଣ୍ଡକ। ନାକଡିରି ଗାଁ ଏକ ଆଦାବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଗାଁକୁ ରାସ୍ତା ନ ଥିବା ବେଳେ ସଚେତନତା ଅଭାବରୁ ଲୋକମାନେ ଏଣେତେଣେ ଖାଦ୍ୟ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ଗତ ସପ୍ତାହରେ ଗାଁ ନାଳରୁ ମାଛ ଧରି ଲୋକମାନେ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ପୂର୍ବରୁ ଲାଇବାରିଆଙ୍କ ମୃତ୍ୟୁ ଘଟିଥିଲା। ସୋମବାର ତାମଙ୍ଗଙ୍କ ମୃତ୍ୟୁ ହୋଇଛି। ଖବର ପାଇ ସ୍ଥାନୀୟ ମେଡିକାଲ ଟିମ ଉକ୍ତ ଗାଁରେ ପହଞ୍ଚି ଗୁରୁତରମାନଙ୍କୁ ଚିକିତ୍ସା ଆରମ୍ଭ କରିବା ସହ ଗ୍ରାମବାସୀଙ୍କୁ ସଚେତନ କରି କୂଅରେ ବ୍ଲିଚିଂ ପକାଇଛାନ୍ତି। ଚିକିତ୍ସା ପରେ ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ଜଣେ ବୟସ୍କ ବ୍ୟକ୍ତି ଗୁରୁତର ଅଛନ୍ତି। ତେବେ ପଚାମାଛ ଖାଇବାରୁ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିବା ବେଳେ ଦୂଷିତ ପାଣି ଯୋଗୁ ଅସୁସ୍ଥ ହୋଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

# ୪ କିମି ଚାଲି ସ୍କୁଲ ଯାଉଛନ୍ତି କୋମଳମତି ପିଲା

ନବରଙ୍ଗପୁର,୧୬।୫ (ବି.ପ୍ର.)



- ସର୍ଗିଗୁଡା ଗାଁରେ ରହିଛି କେବଳ ଗୋଟିଏ ପ୍ରାଥମିକ ବିଦ୍ୟାଳୟ
- ଶ୍ରେଣୀଗୃହ ଅଭାବ, ଜରାଜୀର୍ଣ୍ଣ ହୋଇପଡିଛି ଅନେକ କୋଠରି
- ପଞ୍ଚମ ପାସ୍ ପରେ ଯିବାକୁ ପଡୁଛି ୪ କିମି ଦୂରରେ ଥିବା ସ୍କୁଲ

ପାଠ ପଢ଼ିବାକୁ ଯିବାକୁ ପଡୁଛି ଗାଁଠାରୁ ୪ କିଲୋମିଟର ଦୂର। ଗାଁ ଲୋକ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ କରିବା ପାଇଁ ବହୁ ବର୍ଷ ହେବ ଦାବି କରି ଆସୁଥିଲେ ମଧ କିଛି ସୁଫଳ ମିଳୁନାହିଁ। ଏହି ଭଳି ଘଟଣା ଦେଖିବାକୁ ମିଳିଛି ସର୍ଗିଗୁଡା ଗାଁରେ।

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମଦେଗାଁ ପଞ୍ଚାୟତ ଅଧୀନ ସର୍ଗିଗୁଡା ଗାଁରେ ୧୯୫୬ ମସିହାରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ବର୍ଷ ପରେ ବିଦ୍ୟାଳୟର ଚିତ୍ର ବଦଳିଛି, କିନ୍ତୁ ସମସ୍ୟା ସୁଧୁରି ନାହିଁ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ଶ୍ରେଣୀଗୃହର ଅଭାବ ରହିଛି। ସ୍କୁଲ ପରିସରରେ ଥିବା ଆଜବେଷ୍ଟସ୍ ଘରଗୁଡିକ ଜରାଜୀର୍ଣ୍ଣ ହୋଇ ପଡିଛି। ଉକ୍ତ ଘରକୁ ଭାଙ୍ଗି ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି ହୋଇଛି। ଏଠାକାର ଛାତ୍ରୀଛାତ୍ର ପଞ୍ଚମ ପାସ କରିବା ପରେ ସେମାନଙ୍କୁ ୪ କି.ମି. ଦୂର ମଦେଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡୁଛି। ବହି ବସ୍ତାନି ଧରି ପିଲାମାନେ ୪କିମି ଚାଲି ଚାଲି ଯିବା କଷ୍ଟ ହେଉଛି। ଏଥିପାଇଁ ସର୍ଗିଗୁଡା ଗାଁର ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ କରିବାକୁ ଗାଁର ଧନୁର୍ଜ୍ୟୟ ବିଷୋୟୀ, ଜଗବନ୍ଧୁ ମାଳୀ, ମଙ୍ଗଳଦାନ ଆନନ୍ଦ, ଗଦାଧର ପୂଜାରୀ, ସୁଦର ମାଝି, ଡମ୍ବୁ ଭତ୍ରା, ଏରବେ ନାଶ ଆଶ୍ରିତ ପ୍ରମୁଖ ଦାବି କରିଛନ୍ତି। ଏନେଇ କୋଷାଗୁମୁଡ଼ା ବିଇଓ ବୀରେନ୍ଦ୍ର କୁମାର ପାଢୀଙ୍କୁ ପଚାରିବାରୁ ମୋ ନିକଟରେ କୌଣସି ଅଭିଯୋଗ ଆସିନାହିଁ। ମୁଁ ଛୁଟିରେ ଅଛି, ଫେରିବା ପରେ ବିଦ୍ୟାଳୟ ପରିଦର୍ଶନରେ ଯିବି। ଏଥିସହ ଗାଁ ଲୋକଙ୍କୁ ଭେଟି ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

## ସମାଜର ଦର୍ପଣ ହେଉଛି 'ପାଠାଗାର'

ନବରଙ୍ଗପୁର,୧୬।୫(ବି.ପ୍ର.)

ନବରଙ୍ଗପୁରସ୍ଥିତ ବୈଭବ କଲ୍ୟାଣ ମଣ୍ଡପରେ କୁଞ୍ଜବିହାରୀ ପାଠାଗାରର ପଞ୍ଚମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ରୁ ଲେଖକ ଓମ ପ୍ରକାଶ ଜୋଷୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। କବିମାନଙ୍କୁ ଲେଖକ ସହ ପାଠକ ମଧ ହେବାକୁ ସେ କହିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଉପସ୍ଥିତ ଥିଲେ। ସମାଜ ପାଇଁ ଦର୍ପଣ ହେଉଛି ପାଠାଗାର। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କେବଳ ସରକାରଙ୍କର ନୁହେଁ, ବରଂ ଜନସାଧାରଣଙ୍କର ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ପାଦକ ରଜନୀ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ବୈଦେହୀ ପଣ୍ଡା, ସାହିତ୍ୟିକ ତଥା ପ୍ରାଧ୍ୟାପକ ପରୀକ୍ଷିତ ସାହୁ ଏବଂ କୃଷ୍ଣ ବେଦ ଶାସ୍ତ୍ରବିତ ଆର୍. ନରସିଂହ ଶର୍ମା ନାନୀ ପଣ୍ଡୁଲଙ୍କୁ ପାଠାଗାର ସମ୍ମାନ ପ୍ରଦାନ କରାଯାଇଛି। ପାଠାଗାର ପାଇଁ ସାହାଯ୍ୟ କରିଥିବା ଡ. ରାଧାନାଥ ବେହେରା, ସୁବାସ ବିଷୋୟୀ, ଭାରତୀ ବିଷୋୟୀ, ଜେମାମଣି ବିଷୋୟୀଙ୍କୁ ଉପଢ୍ୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ନାଟ୍ୟକାର ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ନିରଞ୍ଜନ ମିଶ୍ର, ଅଖିଳ ଭୋଟ, ଗୋପବନ୍ଧୁ ବିଷୋୟୀ, କୁମୁଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାହ୍ନବୀ ପଣ୍ଡା, ବନ୍ଦିତା କରଙ୍କ ସଂଯୋଜନାରେ କବି ହରିହର ନାୟକ,ପର୍ଶୁରାମ ସାହୁ, ସିଦ୍ଧାର୍ଥ ଗୌତମ ଜୋଷୀ, ଦୁର୍ଗା ପ୍ରଧାନ, ପ୍ରଭାତୀ ବିଷୋୟୀଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ପ୍ରାଧ୍ୟାପକ ପରିକ୍ଷିତ ସାହୁଙ୍କୁ ସମ୍ମାନିତ କରାଯାଉଛି ।

## ଚିଟ୍‌ଫଣ୍ଡ ଠକେଇ ମାମଲାର ଅଭିଯୁକ୍ତ ଗିରଫ

ଆସିକା,୧୬।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଗ୍ରାମରୁ ରବିବାର ପୋଲିସ ଚିଟଫଣ୍ଡ ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା। ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଦୁଲୁଦି ଗ୍ରାମ ବବ୍ରୁବାହାନ ନାୟକ (୪୫)। ଅଭିଯୁକ୍ତଙ୍କ ବିରୋଧରେ ଭଞ୍ଜନଗର ଏସଡିଜେମଙ୍କ ଅଦାଲତରେ ଦାଖଲ ଜି.ଆର. କେସ ନଂ. ୨୦୨୪/୧୩ ମାମଲାରେ ଅଭିଯୁକ୍ତ ଅଦାଲତରେ ହାଜର ହୋଇନଥିବା ନେଇ ଅଦାଲତ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିଲେ । ରବିବାର କାଳିଆଗୁଡା ଗ୍ରାମରେ ଅଭିଯୁକ୍ତ ଜଣକ ଆତ୍ମଗୋପନ କରିଥିବା ଖବର ପାଇ ପୋଲିସ ତାଙ୍କୁ ଧରି ଭଞ୍ଜନଗରସ୍ଥିତ ଏସଡିଜେଏମ୍‌ଙ୍କ ଅଦାଲତରେ ହାଜର କରିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ବବ୍ରୁ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲି ତ'। ମାଧମରେ ସୁରତ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଜମାକାରୀଙ୍କଠାରୁ ବହୁ ଟଙ୍କା ସଂଗ୍ରହ କରିଥିଲେ। ତେବେ ଜମାକାରୀଙ୍କୁ ସେମାନଙ୍କ ଜମା ଟଙ୍କା ଠିକ ସମୟରେ ଫେରସ୍ତ ନ କରିବାରୁ ଜମାକାରୀଙ୍କ ପକ୍ଷରୁ ଭଞ୍ଜନଗର ପୋଲିସ ନିକଟରେ ପୂର୍ବରୁ ଅଭିଯୋଗ ହେଇଥିଲା।

## ୨୦ ଲିଟର ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୧୬।୫(ଡି.ଏନ୍.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଦ୍ୱାରା କରାଯାଉଥିବା ପାଟ୍ରୋଲିଂ ଓ ଅବକାରୀ ଚଢାଉକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଏସାର ପେଟ୍ରୋଲ ପମ୍ପ ନିକଟସ୍ଥ ଡେପଓଡିଆ ସାହି ନିକଟରେ ଜଣେ ବ୍ୟକ୍ତିଙ୍କଠାରୁ ୨୦ ଲିଟର ଦେଶୀମଦ ଜବତ କରାଯାଇଛି। ଅଭିଯୁକ୍ତ ଜରି ଅଖାବ୍ୟାଗରେ ରଖିଥିବା ଚୋରା ମଦ ପାଉଚ ସହ ଗିରଫ ହୋଇଥିଲେ। ଏହି ପାଟ୍ରୋଲିଂ ଦଳରେ ସଦର ଅବକାରୀ ଥାନାର ବହୁ କର୍ମଚାରୀ ଉପସ୍ଥିତ ରହିଥିଲେ।

## ସାପ କାମୁଡ଼ାରେ ୪ ବର୍ଷର ବାଳକ ମୃତ

ଡାବୁଗାଁ, ୧୬।୫ (ଡି.ଏନ୍.ଏ.)

**ନାଗସାପକୁ ପିଟିପିଟି ମାରିଦେଲେ ଉତ୍ତ୍ୟକ୍ତ ଲୋକେ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଗିର୍ଲିଗୁଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ୪ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଥାନା ଅଧୀନ ସିନ୍ଧିଗାଁର ନନ୍ଦ ଗଡ଼ିଆଙ୍କ ପୁଅ ରମେଶ(୪)।

ସୂଚନାନୁଯାୟୀ, ନନ୍ଦ ନିଜ ପରିବାର ସହ ଗିର୍ଲିଗୁଡ଼ାସ୍ଥିତ ଶ୍ୱଶୁରଘରକୁ ବୁଲିବାକୁ ଆସିଥିଲେ। ସେଠାରେ ରବିବାର ବିଳମ୍ବିତ ରାତ୍ରିରେ ସମସ୍ତେ ଶୋଇଥିବା ସମୟରେ ଏକ ନାଗ ସାପ ରମେଶଙ୍କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ରମେଶ ଚିତ୍କାର କରି ଉଠିଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକେ ଉଠିବା ସହ ଘରେ ଏକ ନାଗ ସାପ ଥିବା ଦେଖିଥିଲେ। ଏହାପରେ ପିଲାଟିକୁ ତୁରନ୍ତ ପରିବାର ଲୋକେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ସାପଟିକୁ ପିଟିପିଟି ମାରି ଦେଇଥିଲେ। ଏନେଇ ସୋମବାର ଡାବୁଗାଁ ଥାନାରେ ମୃତକଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଡାବୁଗାଁ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବାଇକ୍-ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଚନ୍ଦାହାଣ୍ଡି, ୧୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବଦମୁଣ୍ଡା ଛକରେ ଏକ ବାଇକ୍ ଓ ଟ୍ରାକ୍ଟର ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଅଛନ୍ତି। ମୃତକ ହେଲେ କୋଣ୍ଡିଓଡା ଗ୍ରାମର ରୂପସିଂ ମାଝି। ଏଥିରେ ତେନ୍ତୁଳିପଡା ଗ୍ରାମର ଭୁବନ ଝରିଆ ଏବଂ କୋଣ୍ଡିଓଡା ଗ୍ରାମର କ୍ଷୀରସିନ୍ଧୁ କାଣ୍ଡି ଗୁରୁତର ଅଛନ୍ତି।

ସୂଚନାନୁଯାୟୀ, ବଦମୁଣ୍ଡା ଛକରେ ଭୁବନ ଝରିଆ ନିଜ ବାଇକ୍ ରଖି ବସିଥିଲେ। ଏହି ସମୟରେ ଦେଓବନ୍ଦ ପଟରୁ ଫେରୁଥିବା ଏକ ଟ୍ରାକ୍ଟର ଉମରକୋଟ ଯାଉଥିବା ଏକ କାର ସହ ଧକ୍କା ହୋଇଥିଲା। ଏହାପରେ ଟ୍ରାକ୍ଟର ଚାଳକ ଭରସାମ୍ୟ ହରାଇ ସେଠାରେ ବାଇକ ସହ ଠିଆ ହୋଇଥିବା ଭୁବନ ଝରିଆକୁ ଧକ୍କା ଦେଇଥିଲେ। ଫଳରେ ପୋଲ ପାର୍ଶ୍ୱକୁ ଟ୍ରାକ୍ଟର ଓଲଟି ପଡିଥିଲା। ଏଥିରେ ଟ୍ରାକ୍ଟରରେ ଥିବା କ୍ଷୀରସିନ୍ଧୁ କାଣ୍ଡି ଓ ବାଇକ୍ ଆରୋହୀ ଭୁବନ ଗୁରୁତର ହୋଇଥିଲେ। ଟ୍ରାକ୍ଟର ତଳେ ରୂପସିଂ ଚାପିହୋଇ ପ୍ରାଣ ହରାଇଛନ୍ତି। ଖବରପାଇ ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ, ଏଏସ୍‌ଆଇ ଲଳିତ କୁମାର ପଣ୍ଡା, ବିଜୁରାମ ବାଘ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବାହିନୀ ଓଲଟି ପଡ଼ିଥିବା ଟ୍ରାକ୍ଟରକୁ ଜେସିବି ମେସିନିରେ ଉଠାଇବବା ପରେ ମୃତଦେହ ଜବତ କରାଯାଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଟ୍ରାକ୍ଟର ଚାଳକ ପୁରୁଷୋତ୍ତମ ଖରସେଲ ଘଟଣାସ୍ଥଳରୁ ଫେରାର ଅଛନ୍ତି। ଗୁରୁତରଙ୍କୁ ଚନ୍ଦାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସଂଗ୍ରାମ କେଶରୀ ସାହୁ ପ୍ରକାଶ କହିଛନ୍ତି।

## ଉପୁଡି ପଡିଲା ଶହଶହ ଗଛ, ମୁଖ୍ୟ ରାସ୍ତା ଅବରୋଧ



ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରୁଛନ୍ତି।

ରାଇଘର, ୧୬।୫ (ଡି.ଏନ୍.ଏ.)

**କାଳ ବୈଶାଖୀ ତାଣ୍ଡବ**

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ଓ ବର୍ଷା ହୋଇଯାଇଛି। ଏହା ଫଳରେ ବହୁ ମୂଲ୍ୟବାନ ଗଛ ଉପୁଡି ପଡିଛି। ରାଇଘର ବ୍ଲକ ସଦର ମହକୁମାରୁ ଉମରକୋଟକୁ ସଂଯୋଗ କରୁଥିବା ୪୦ ନମ୍ବର ରାଜ୍ୟ ରାଜପଥର କୋଟପାରାରୁ ଡବିରିପାରା ଛକ ମଧରେ ଦୁଇ ପାର୍ଶ୍ୱରେ ଥିବା ଶହ ଶହ ନୀଳଗିରି ଗଛ ଉପୁଡି ପଡ଼ିଥିଲା। ଏତେ ମାତ୍ରାରେ ଗଛ ଉପୁଡିବା ଫଳରେ ରାସ୍ତା ଅବରୋଧ ହୋଇ ପଡିଥିଲା। ସେହିପରି ଡବିରିପାରା, ମହୁଭଙ୍ଗା ଗ୍ରାମ ବନିପଦର ଛକ ଆଦି ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ମାତ୍ରାରେ ପବନ ବହିବା ଫଳରେ ଅନେକ ଗଛ ଉପୁଡ଼ି ପଡିଛି। ରାଇଘର ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟି ରାସ୍ତାରୁ ହଟାଇଛନ୍ତି। ଅତ୍ୟଧିକ ମାତ୍ରାରେ ପବନ ବୋହିବା ଯୋଗୁ ଡବିରିପାରା ନିକଟରେ ଥିବା କୁକୁଡ଼ା ଫାର୍ମର ଆଜବେଷ୍ଟସ୍ ଉଡିଯାଇଛି। ରାସ୍ତା ଉପରେ ବଡ଼ ବଡ଼ ଗଛ ପଡି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଥିଲା।

## ବ୍ଲକ ଆଇବି ଗୃହରେ ବରଯାତ୍ରୀ ଟିମ୍

ରାଇଘର, ୧୬।୫(ଡି.ଏନ୍.ଏ.)

**କାହା ଅନୁମତିରେ ପ୍ରବେଶ କଲେ ତାହାକୁ ନେଇ ଉଠୁଛି ପ୍ରଶ୍ନ**

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ରବିବାର ମଧ୍ୟାହ୍ନ ୧୨ଟାରେ ଏକ ବରଯାତ୍ରୀ ଦଳ ବ୍ଲକ ଆଇବି ଗୃହରେ ବିଶ୍ରାମ ନେଇଥିଲେ। କିନ୍ତୁ ଏହି ସରକାରୀ କୋଠାରେ ସେମାନଙ୍କୁ ବିଶ୍ରାମ ନେବାକୁ କିଏ ଅନୁମତି ଦେଲା ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ରାଇଘର ସଦର ମହକୁମାରେ ଥିବା ବ୍ଲକ କାର୍ଯ୍ୟାଳୟ କ୍ୟାମ୍ପସ୍ ପରିସରରେ ବ୍ଲକ କର୍ମଚାରୀ ରହୁଥିବାବେଳେ ଭିତର ପାର୍ଶ୍ୱରେ ସ୍ୱତନ୍ତ୍ର ଅତିଥିଙ୍କ ନିମନ୍ତେ ଆଇବି ଗୃହ ରହିଛି। ରବିବାର ଏକ ବରଯାତ୍ରୀ ଟିମ୍ ରାଇଘର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୨ଟି ବସ୍ ଓ ଅନ୍ୟ କେତେ ଲାଗିଥିଲା। ଗାଡ଼ିରୁ ବାହାରି ବ୍ଲକ୍ କ୍ୟାମ୍ପସ ପରିସରରେ ଥିବା ଆଇବି ଗୃହ ମଧରେ ପ୍ରବେଶ କରିଥିଲେ। ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସମସ୍ତେ ବିଶ୍ରାମ ନେଇ ଜଳଖିଆ କରି ଆଇବି ଗୃହ ବାହାରେ ଆବର୍ଜନା ଗଦାକରି ଛତିଶଗଡ଼ ଅଭିମୁଖେ ଯାଇଥିଲେ। ଏହା ମଧରେ ବରଯାତ୍ରୀଙ୍କୁ ରହିବାକୁ କିଏ ଅନୁମତି ଦେଲା ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାକୁ ଫୋନ୍ କରିଥିଲେ ମଧ ତାହା ଲାଗି ନ ଥିଲା। ଏବିଡିଓ ବିଜୟ କୁମାର ସେଠୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି। ଜିପିଓ ଅଜିତ ନନ୍ଦଙ୍କୁ ପଚାରିବାରୁ ସେ ମଧ କିଛି ଜାଣି ନ ଥିବା କହିଛନ୍ତି। ଆଇବି ଗୃହ ମୁଖ୍ୟ ଚାବି କାହା ପାଖରେ ଅଛି,କାହା ଅନୁମତିରେ ବ୍ୟବହାର କରିବାକୁ ଦିଆଗଲା ଏହାର ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ଦାବି ହୋଇଛି।



ବ୍ଲକ ଆଇବିରେ ବରଯାତ୍ରୀମାନେ ।

## ନୂତନ ମନ୍ଦିର ନିର୍ମାଣ ପ୍ରସ୍ତୁତି ବୈଠକ

ଉମରକୋଟ, ୧୬।୫(ସ୍ୱ.ପ୍ର.)

ମା'ମଙ୍ଗଳା ଠାକୁରାଣୀଙ୍କ ପୁରାତନ ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଛି। ଉମରକୋଟ୍‌ର ଝରିଗାଁ ରୋଡ୍‌ସ୍ଥିତ ୩୦ ବର୍ଷ ତଳ ପୁରୁଣା ମା' ମଙ୍ଗଳାଙ୍କ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ବର୍ଷାଦିନେ ପାଣି ଗଳୁଛି। ଏହା ଭକ୍ତମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ତେଣୁ ମନ୍ଦିର ନିର୍ମାଣ କରିବାକୁ ଏକ ବୈଠକ ହୋଇଥିଲା। ବୈଠକ ପରେ ନୂତନ ମନ୍ଦିର ନିର୍ମାଣ ପାଇଁ ଶୁଭ ପକାଯାଇଥିଲା। ଏହି ବୈଠକରେ ମନ୍ଦିର କମିଟି ସଭାପତି ଜୟଦେବ ପରିଡ଼ା, ପି.ରାବଣା ରାଓ, ଭୈରବ ପ୍ରସାଦ ମିଶ୍ର, ହେମନ୍ତ ଜେନା, ଅଶୋକ ବେବର୍ତ୍ତା, ଜିତେନ୍ଦ୍ର ମହାନ୍ତି, ରାମ ନାୟକ, ଭିକି ନାୟକ, ପୌର ପରିଷଦ ଅଧକ୍ଷା ରାଧା ଭତ୍ରା,ଉପାଧକ୍ଷ ସୁଧାଂଶୁ ଦାସ, ମନ୍ଦିର ପୂଜକ ଭୁବନ ପୂଜାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂଜକ ଭୁବନ ପୂଜାରୀ ସଭା ପରିଚାଳନା କରିଥିଲେ। ସହରର ଜଣେ ବଦାନ୍ୟ ବ୍ୟକ୍ତି ମନ୍ଦିର ନିର୍ମାଣର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ବରିଷ୍ଠ ଆଇନଜୀବୀ ଜୟଦେବ କୁମାର ପରିଡ଼ା ସୂଚନା ଦେଇଛନ୍ତି।



ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀମାନେ ।

## ମଥୁରା ନଗରୀକୁ ସମିତି ସଭ୍ୟ, ସରପଞ୍ଚଙ୍କୁ କଂସଙ୍କ ଡାକରା

ଚନ୍ଦାହାଣ୍ଡି, ୧୬।୫(ଡି.ଏନ୍.ଏ.)



କଂସ ମହାରାଜାଙ୍କ ଦରବାରରେ ଉପସ୍ଥିତ ସମିତି ସଭ୍ୟ ଓ ସରପଞ୍ଚ ।

- ଅଞ୍ଚଳର ସମସ୍ୟା ସୁଧାରିବାକୁ ନିର୍ଦ୍ଦେଶ
- ନବମ ରଜନୀରେ କାଳୀୟ ଦଳନ ମଞ୍ଚସ୍ଥ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ଚାଲିଥିବା ବାଲିଯାତ୍ରାରେ ଅନୁଷ୍ଠିତ ଧନୁଯାତ୍ରାର ନବମ ରଜନୀରେ କାଳୀୟ ଦଳନ ମଞ୍ଚସ୍ଥ ହୋଇଛି। କାଳୀୟ ନାଗଙ୍କୁ କୃଷ୍ଣଙ୍କୁ ହତ୍ୟା କରିବାକୁ ପରାମର୍ଶ ଦିଆଯାଇଥିବାବେଳେ, କୃଷ୍ଣ କିନ୍ତୁ କାଳୀୟ ଦଳନ କରିଛନ୍ତି।

ମହାରାଜ କଂସଙ୍କୁ ଚନ୍ଦାହାଣ୍ଡି ଗ୍ରାମବାସୀ ଏକ ସୁସଜ୍ଜିତ ରଥରେ ଗୋପପୁରରୁ ବାଜାବାଜଣା ଓ ହୁଳହୁଳି ଦେଇ ମଥୁରା ନଗରୀକୁ ପାଛୋଟି ଆଣିଥିଲେ। ମହାରାଜ କଂସ ରଙ୍ଗମଞ୍ଚରେ ଉପସ୍ଥିତ ରହି ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ଡକରା ପଠାଇଥିଲେ। ସମିତି ସଭ୍ୟଙ୍କ ମଧରେ ପୌରୁଷ ମାଝି, ବାସୁଦେବ ଗୌଡ଼, ଟେକରାମ ମାଝି, ପୂର୍ଣ୍ଣଚନ୍ଦ୍ର ସୋରି, ସନ୍ତୋଷ ପଟ୍ଟନାୟକ ଏବଂ ସରପଞ୍ଚଙ୍କ ମଧରେ ଜଳନ୍ଧର ମାଝି, ଭଗବାନ ମାଝି ପ୍ରମୁଖ ନିମନ୍ତ୍ରଣ ପାଇ ମହାରାଜଙ୍କ ନିକଟରେ ହାଜର ହୋଇଥିଲେ। ଚନ୍ଦାହାଣ୍ଡି ଅଞ୍ଚଳର ଗରିବ ଲୋକଙ୍କୁ ରାଶନ କାର୍ଡ, ପେନସନ, ରୋଡ, ଜମି ମରାମତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କଂସ ମହାରାଜା ପଚାରି ବୁଝିଥିଲେ। କଂସ ମହାରାଜ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଞ୍ଚଳର ଉନ୍ନତି ଦିଗରେ ତଥା ଗରିବଙ୍କ ହିତରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚନ୍ଦାହାଣ୍ଡି ଭଳି ଉପାନ୍ତ ଅଞ୍ଚଳରେ ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ପୌରାଣିକ ନାଟକର ଆୟୋଜନ କରି ଅଞ୍ଚଳବାସୀଙ୍କୁ ପୁରାଣ ସମ୍ପର୍କରେ ଭାବାଦର୍ଶ କରାଇଥିବାରୁ ଆୟୋଜକଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ପୂଜାରୀ, ନଳିନୀ ଦାସ, କମଳ ପୂଜାରୀ, ରତ୍ନାକର ପୂଜାରୀ, ବାସୁଦେବ ସୁନା, ଜଗଦୀଶ ରାଉତ, ବବି ବିଷୋୟୀ, ମୁରଲୀ ସାଗର, କୈଳାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନୃସିଂହଙ୍କ ବୁଦ୍ଧ ଅବତାର



ଜୟପୁର, ୧୬।୫ (ନି.ପ୍ର.)- ଜୟପୁର କଣ୍ଡରାସାହିସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ନୃସିଂହଙ୍କୁ ସୋମବାର ବୁଦ୍ଧ ଅବତାରରେ ସଜ୍ଜିତ କରାଯାଇଛି। ବୈଶାଖ ପୂର୍ଣ୍ଣିମା ଅବସରରେ ହୋଇଥିବା ଏହି ବେଶରେ ଲକ୍ଷ୍ମୀ ନୃସିଂହଙ୍କୁ ଫଳମୂଳ ଆଦି ଭୋଗ ଲାଗି କରାଯାଇଥିଲା। ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିବା ମୁଖ୍ୟ ପୂଜକ ସୁନୀଲ ଆଚାର୍ଯ୍ୟ କହିଛନ୍ତି।

### ବନ ବିଭାଗ ଅଧିକାରୀଙ୍କ ଗସ୍ତ, କାର୍ଯ୍ୟ ସମୀକ୍ଷା



ଚିତ୍ରକୋଣ୍ଡା,୧୬।୫(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳକୁ ସୋମବାର ବନ ବିଭାଗ ଅଧିକାରୀ ଆଡସିନାଲ ପିପିସିଏସ ଓମ ପ୍ରକାଶ ସିଂ ଗସ୍ତ କରିଛନ୍ତି। ଜିଲା ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲିଙ୍କ ସହ ମିଶି ଚିତ୍ରକୋଣ୍ଡା ଯୁକୋ ପାର୍କଠାରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ସହ ମା' ଭଣ୍ଡାର ଘରଣୀ ବନ ସୁରକ୍ଷା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। ଥିଲେ। ପରେ ସିଂ ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁ ପରିଦର୍ଶନ କରି ଫେରିଥିଲେ।

### ୱାର୍କସ ଅନ୍ତର୍ଜାତୀୟ କ୍ଲବର କ୍ୟାବିନେଟ ବୈଠକ

କୋରାପୁଟ,୧୬।୫(ସ୍ୱ.ପ୍ର.)-କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ୱାର୍କସ ଅନ୍ତର୍ଜାତୀୟ କ୍ଲବର ଦ୍ୱିତୀୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜଶ୍ରୀ ବିକ୍ରମ ୱାର୍କସ କ୍ଲବ ପକ୍ଷରୁ ଆୟୋଜିତ ଏହି ବୈଠକ ପୂର୍ବରୁ କ୍ଲବର ଶତାଧିକ ସଦସ୍ୟ ସ୍ୱାସ୍ଥ୍ୟ ହିଁ ସମ୍ପଦ, ପରିବେଶ ସନ୍ତୁଳନ ରକ୍ଷା ନେଇ ଗଛ ଲଗାଇବା ଆଦି ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଭୁବନେଶ୍ୱରସ୍ଥିତ ଏକାମ୍ର ୱାର୍କସ କ୍ଲବର ସଭାପତି କେ.ସି. ଦାସଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ




ଜିଲା ଗଭର୍ନର ପ୍ରଦୀପ ମହାରଣା, ଜିଲା ସଭାପତି ଜଗମୋହନ ସାହୁ, ସମ୍ପାଦକ ସୁବାସ ପାଣିଗ୍ରାହୀ, ମୁକ୍ତିକାନ୍ତ ଅଗସ୍ତି, କୋଷାଧକ୍ଷ ପ୍ରମୁଖ ଉପସ୍ଥିତ ରହି ୱାର୍କସ କ୍ଲବର ଉଦ୍ଦେଶ୍ୟ, କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ କୋରାପୁଟ ଜିଲାର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଦାମନଯୋଡି,୧୬।୫(ଡି.ଏନ.ଏ.)- ନାଲକୋ ଟାଉନସିପ ସେକ୍ଟର-୧ ଯଜ୍ଞ ମଣ୍ଡପରେ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ସୂର୍ଯ୍ୟପୂଜା, ଚଣ୍ଡୀଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ଯଜ୍ଞ, ସର୍ବ ଦେବାଦେବୀଙ୍କ ଆହୂତି ଆଦି ହୋଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଭଦ୍ରକରୁ ଆସିଥିବା ପୂଜକ ପଣ୍ଡିତ ବଳରାମ ଦାଶଙ୍କ ସହ ବିବେକାନନ୍ଦ ପଣ୍ଡା, ରାମକିଙ୍କର ଦାଶ ଓ ରବୀନ୍ଦ୍ର ପାଣି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସୁଶାନ୍ତ ଦାଶ, ପ୍ରଦୋଷ ଆଚାର୍ଯ୍ୟ, ରାଜେନ୍ଦ୍ର ବେହେରା, ଶୁକଦେବ ପଟ୍ଟାୟତ ଏବଂ ପ୍ରମୋଦ ରାଉତ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଦାୟିତ୍ୱ ତୁଲାଇଥିଲେ। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢୀ, ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ,ଅରୁଣ ଦାସ,ବିକାଶ ପଣ୍ଡା, ପ୍ରମୋଦ ବେହେରା, ହରପ୍ରସନ୍ନ ଦାଶ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ସଭାପତି ସରୋଜ ନାଥ, ଉପସଭାପତି ହରିବନ୍ଧୁ ବିଶ୍ୱାଳ, ସମ୍ପାଦକ ଅନାମ ଚରଣ ନାୟକ, ଯୁଗ୍ମ ସମ୍ପାଦକ ଆନନ୍ଦ ମୋହନ ପ୍ରସାଦ, ଶିଶିର ମିଶ୍ର, ରଞ୍ଜୟ କାନୁନଗୋଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ଡମ୍ପିଂୟାର୍ଡ ସମସ୍ୟା ନେଇ ତ୍ରିପାକ୍ଷିକ ଆଲୋଚନା ବିଫଳ

କୋରାପୁଟ,୧୬।୫(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଆକାଶଗୁଡାରେ ଥିବା ଡମ୍ପିଂୟାର୍ଡକୁ ନେଇ ଗ୍ରାମବାସୀ ଓ ପୌର ପରିଷଦ ମଧ୍ୟରେ ବିବାଦ ଦେଖା ଦେଇଛି। ସୋମବାର ଏନେଇ ବସିଥିବା ତ୍ରିପାକ୍ଷିକ ବୈଠକ ବିଫଳ ହୋଇଛି। ଜିଲାପାଳଙ୍କ ଉପରେ ନିଷ୍ପତ୍ତି ଛଡାଯାଇଛି। ଜିଲାପାଳ ଯାହା ନିଷ୍ପତ୍ତି ନେବେ ତାହା ସମସ୍ତେ ଗ୍ରହଣ କରିବେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ସହରରେ ଅଳିଆ ଆବର୍ଜନା ଆକାଶଗୁଡା ଡମ୍ପିଂୟାର୍ଡରେ ପକାଯାଉଥିଲା। ୬ ମାସ ତଳେ ଆକାଶଗୁଡା ଗ୍ରାମର ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଆହତ ହେବା ପରେ ଗ୍ରାମବାସୀ ଅଳିଆ ଆବର୍ଜନା ଏଠାରେ ପକାଇବାକୁ ନ ଦେଇ ଆନ୍ଦୋଳନ କରିଥିଲେ। ଅଳିଆ ଆବର୍ଜନା ପକାଇବାକୁ ଜାଗାର ଅଭାବ ଥିବାରୁ ପୌର କର୍ମଚାରୀ ଅଳିଆ ପକାଇବାକୁ ଯାଇଥିବା ବେଳେ ଲୋକେ ବିରୋଧ କରିଥିଲେ। ସୋମବାର ଏନେଇ କୋରାପୁଟ ଏସଡିପିଓ ମୋନଜ ପୁଜାରୀଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ ଏସଡିପିଓଙ୍କ ସହ କୋରାପୁଟ ପୌରନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଲୋକେ ଆକାଶଗୁଡାରେ ଡମ୍ପିଂୟାର୍ଡ ବନ୍ଦ କରିବାକୁ ଜିଦ୍ ଧରିଥିଲେ। ମାତ୍ର ପୌର ପରିଷଦ ପକ୍ଷରୁ ଏଠାରେ ଡମ୍ପିଂୟାର୍ଡ ରହିବ ବୋଲି କୁହାଯିବାରୁ ଆଲୋଚନା ବିଫଳ ହୋଇଥିଲା। ମଙ୍ଗଳବାର ଏନେଇ ପୁଣି ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ସହିତ ଆଲୋଚନା କରାଯିବ ବୋଲି ଜଣାଯାଇଛି। ଜିଲାପାଳଙ୍କୁ ଭେଟିବା ପୂର୍ବରୁ ଯଦି ପୌର ପରିଷଦ ଏଠାରେ ଅଳିଆ ପକାନ୍ତି ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଗ୍ରାମର ଅନୀଲ ଖରା କହିଛନ୍ତି। ଏନେଇ ପୌରାଧକ୍ଷ ସେଠୀଙ୍କୁ ପଚାରିବାରୁ ଡମ୍ପିଂୟାର୍ଡ ନେଇ ସୋମବାର ହୋଇଥିବା ତ୍ରିପାକ୍ଷିକ ଆଲୋଚନା ବିଫଳ ହୋଇଛି। ମଙ୍ଗଳବାର ଜିଲାପାଳଙ୍କ ସହ ଆଲୋଚନା ବେଳେ ଯାହା ନିଷ୍ପତ୍ତି ହେବ ତାହା ପୌର କର୍ତ୍ତୃପକ୍ଷ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଚିକିଟି ନାଳ ସଫେଇ କାର୍ଯ୍ୟ ଆରମ୍ଭ



ଚିକିଟି ନାଳ।

ଜୟପୁର, ୧୬।୫ (ନି.ପ୍ର.)

ଜୟପୁର ପୌରପାଳିକା ପକ୍ଷରୁ ସହରର ଚିକିଟି ନାଳ ସଫେଇ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ଏକ ମାସ ଧରି ଏହି ସଫେଇ କାର୍ଯ୍ୟ ଚାଲିବ। ବର୍ଷା ପାଣି ଯେପରି ସୁବିଧାରେ ନିଷ୍କାସନ ହୋଇପାରିବ ସେ ନେଇ ପଦକ୍ଷେପ ନିଆଯାଇଛି। ଏହି ନାଳ ଜୟପୁର ନୂଆସାହି ୫ମ ଲାଇନରୁ ପଞ୍ଚାନନ ମନ୍ଦିର ଦେଇ ସତୀନଦୀ ନିକଟ, ଗ୍ୟାସ କମ୍ପାନୀ, ଶିଶୁ ମନ୍ଦିର ପଛପାର୍ଶ୍ୱ, ଲକ୍ଷ୍ମୀ ଟକିଜ, ବେଲ୍‌ରୋଡ, ଏମଜି ରୋଡ ପଛପାର୍ଶ୍ୱ ଦେଇ ଯାଇଛି। ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସଫେଇ କାର୍ଯ୍ୟର ତଦାରଖ କରୁଛନ୍ତି।

## ଗ୍ରାମ ପୁରୁଷଶୂନ୍ୟ, ଅସ୍ତ୍ରଶସ୍ତ୍ର ଧରି ଫେରିଲା ପୋଲିସ

କୋରାପୁଟ/ମାଲକାନଗିରି, ୧୬।୫(ସ୍ୱ.ପ୍ର./ଡି.ଏନ.ଏ.)

ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବା ଲାଗି କୋରାପୁଟ ଜିଲାର ମାଟିଖାଲ ଗ୍ରାମକୁ ଗତ ୧୪ ତାରିଖରେ ମାଲକାନଗିରି ପୋଲିସ ସାଦା ପୋଷାକରେ ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଚୋର ଭାବି ନିସ୍ତୁକ ମାଡ ମାରିଥିଲେ। ଏହି ଘଟଣାରେ ସୋମବାର ମାଟିଖାଲ ଗ୍ରାମରେ କୋରାପୁଟ, ଲମତାପୁଟ ଓ ମାଛକୁଣ୍ଡ ପୋଲିସ ଚଢାଉ କରିଛି। ତେବେ ମାଟିଖାଲ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖି ପୋଲିସକୁ ନିରାଶ ହେବାକୁ ପଡିଛି। କାହାକୁ ଗିରଫ କରି ନ ପାରି କେବଳ ଧନୁ ତୀର, ଟାଙ୍ଗିଆ ଆଦି ଅସ୍ତ୍ରଶସ୍ତ୍ର ଜବତ କରି ପୋଲିସ ଫେରିଥିବା ଜଣାଯାଇଛି। ପୂର୍ବରୁ ଗ୍ରାମକୁ ପୋଲିସ ଆସୁଥିବା ସୂଚନା ପାଇ ଗ୍ରାମର ପୁରୁଷମାନେ କେଉଁଆଡେ ଚାଲିଯାଇଥିଲେ। ଫଳରେ ଗ୍ରାମରେ କାହାକୁ ନ ପାଇ ପୋଲିସ ଖାଲି



ଗ୍ରାମକୁ ଯାଇଥିବା ପୋଲିସ।

**ମାଲକାନଗିରି ପୋଲିସକୁ ଗ୍ରାମବାସୀ ପିଟିବା ଘଟଣା**

ସାଦା ପୋଷାକରେ ଥିବାରୁ ଗ୍ରାମବାସୀ ପୋଲିସକୁ ଜାଣି ନ ପାରି ଚୋର ଭାବି ନିସ୍ତୁକ ମାଡ଼ ମାରିଥିଲେ। ପରେ ପୋଲିସ ସେଠାରେ ଫାଙ୍କା ଗୁଳିଚଳାଇ ଖସି ଆସିଥିଲା। ତେବେ ପ୍ରଦୀପ ନାୟକ ନାମକ ଜଣେ କନଷ୍ଟେବଲଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପରେ ମାଛକୁଣ୍ଡ ପୋଲିସ ଖବର ପାଇ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରିଥିଲା।

## ଧାର ଟଙ୍କାକୁ କେନ୍ଦ୍ରକରି ଆକ୍ରମଣ

ବ୍ରହ୍ମପୁର ଅଫିସ,୧୬।୫

ବ୍ରହ୍ମପୁର ସଦର ଥାନା ପୋଲିସ ଧାର ଟଙ୍କା ମାଗିବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ମରଣାନ୍ତକ ଆକ୍ରମଣ ଓ ପ୍ରତିଆକ୍ରମଣ ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଗୋଟିଏ ଗୋଷ୍ଠୀର ଦୁଇଜଣ ଗିରଫ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ରୋହିଗାଁର ଧନୁକା କୁମାର ଜେନାଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର କବିରାଜ ଜେନାଙ୍କ ୨ ପୁଅ ଉମାଶଙ୍କର(୩୯) ଓ ମୁରଲୀଧର (୩୨)ଙ୍କୁ ଗିରଫ କରାଯାଇଛି। ସେହିପରି ରୋହିଗାଁର ଜଣେ ମହିଳାଙ୍କ ଅଭିଯୋଗ ଅନୁସାରେ, ଉକ୍ତ ଗ୍ରାମର ଧନୁକା କୁମାର ଜେନାଙ୍କୁ ପୋଲିସ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ରୋହିଗାଁର ଧନୁକାଙ୍କଠାରୁ କବିରାଜ କୌଣସି ଏକ ନିର୍ମାଣ କାମ ପାଇଁ ଟଙ୍କା ଧାର ନେଇଥିଲେ। କବିରାଜ ଧାର ନେଇଥିବା ଟଙ୍କା ତାଙ୍କୁ ନିର୍ଦ୍ଧାରିତ ସମୟରେ ଦେଇ ନ ଥିଲେ। ଫଳରେ ଧନୁକା ଟଙ୍କା ମାଗିବା ପାଇଁ କବିରାଜଙ୍କ ଘରକୁ ଯାଇଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କବିରାଜଙ୍କ ଦୁଇ ପୁଅ ଉମାଶଙ୍କର ଓ ମୁରଲୀ ପହଞ୍ଚି ଧନୁକାଙ୍କୁ ଠେଙ୍ଗା ଓ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଧନୁକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୮/୨୨ରେ ଏକ ମାମଲା ରୁଜୁ କରିଥିଲା। ଅନ୍ୟପଟେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବା ବେଳେ ଧନୁକା ଜଣେ ମହିଳାଙ୍କୁ ସେଠାରେ ଅସଦାଚରଣ କରିଥିବା ନେଇ ମହିଳା ଜଣଙ୍କ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୮୯ /୨୨ରେ ଅନ୍ୟ ଏକ ମାମଲା ରୁଜୁ କରିଥିଲା।

## ଜିପିଡିପିରେ ମାଲକାନଗିରି ପଞ୍ଚାୟତ ସମିତି ପୁରସ୍କୃତ

ମାଲକାନଗିରି, ୧୬।୫ (ଡି.ଏନ.ଏ.)

ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି)ରେ ସୋମବାର ମାଲକାନଗିରି ଜିଲାର ମାଲକାନଗିରି ପଞ୍ଚାୟତ ସମିତିକୁ ଓଡିଶାର ୩୧୪ ପଞ୍ଚାୟତ ସମିତି ମଧ୍ୟରୁ ଜିପିଡିପିରେ ଶ୍ରେଷ୍ଠ ପଞ୍ଚାୟତ ସମିତି ଭାବରେ ପୁରସ୍କୃତ କରାଯାଇଛି। ଉତ୍ତମ କାର୍ଯ୍ୟ ଏବଂ ଜନସେବା ପାଇଁ ଜିଲାର ମାଲକାନଗିରି ପଞ୍ଚାୟତ ସମିତି ଓଡିଶାରେ ଶ୍ରେଷ୍ଠ ପଞ୍ଚାୟତ ସମିତି ଭାବେ ମନୋନୀତ ହୋଇଛି। ପୁରସ୍କା ବାବଦରେ ପଞ୍ଚାୟତ ସମିତିକୁ ୨୫ ଲକ୍ଷ ଟଙ୍କା ମିଳିବ। ସେହିପିରି ଜିଲାର ମାଥିଲି ପଞ୍ଚାୟତ ସମିତିର କତାପାଲି ଗ୍ରାମ ପଞ୍ଚାୟତକୁ ମଧ ୫ ଲକ୍ଷ ଟଙ୍କାର ପୁରସ୍କାର ମିଳିଛି। ସେହିଭଳି ଦିନଦୟାଲ ପଞ୍ଚାୟତ ସଶକ୍ତୀକରଣ ଅଭିଯାନରେ ଓଡିଶାର ୬୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ୮ଟି ଗ୍ରାମ ପଞ୍ଚାୟତ ଦିନ ଦୟାଲ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ମାଲକାନଗିରି ଜିଲାର ୨ଟି ଗ୍ରାମ ପଞ୍ଚାୟତ କୁଟୁନିପାଲି ଓ ଦଳପତିଗୁଡା ରହିଛି। କୁଟୁନିପାଲି ପ୍ରଥମ ହୋଇଥିବା ବେଳେ ଦଳପତିଗୁଡା ଦ୍ୱିତୀୟ ହୋଇଛି। ସେହି ଅନୁଯାୟୀ ପୁରସ୍କାର ବାବଦରେ କୁଟୁନିପାଲି ୧୨ ଲକ୍ଷ ଟଙ୍କା ଏବଂ ଦଳପତିଗୁଡା ୮ ଲକ୍ଷ ଟଙ୍କା ପାଇବେ।

## ଅଗ୍ନିଶମବାହିନୀ ପକ୍ଷରୁ ଅଗ୍ନି ନିରାପତ୍ତା ଯାଞ୍ଚ

ମାଲକାନଗିରି, ୧୬।୫ (ଡି.ଏନ.ଏ.)

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଛି। ଏଥିସହ



ମାଲକାନଗିରିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

ଅଗ୍ନିକାଣ୍ଡ ସମୟରେ କିଭଳି ଏହାର ମୁକାବିଲା କରାଯିବ ସେନେଇ ତାଲିମ ପ୍ରଦାନ କରାଯାଇଛି। ଜିଲା ଅଗ୍ନିଶମ ଅଧିକାରୀ ସରୋଜ କୁମାର ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଜିଲା ସଦର ମହକୁମାର ଥିବା ମ୍ୟାକସ ସିନେମା ହଲ ସହ ୪ଟି ହୋଟେଲକୁ ଯାଇ ସେଠାରେ ଅଗ୍ନି ନିରାପତ୍ତା ଉପକରଣଗୁଡିକ ଯାଞ୍ଚ କରିଥିଲେ। ଏଥିସହ ନିଆଁ ଲାଗିଲେ କିଭଳି ତାହାକୁ ପ୍ରାଥମିକ ସ୍ତରରେ ଆୟତ କରାଯାଇପାରିବ ସେନେଇ ହୋଟେଲ ଓ ସିନେମା ହଲ୍‌ର କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ନିଆଁ ନ ଲାଗିବା ପାଇଁ କଣ ସବୁ ପଦକ୍ଷେପ ନେବା ଆବଶ୍ୟକ ସେନେଇ ବୁଝାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ସୁଶାନ୍ତ ବେହେରା, ବଲେଶ ମାଝି, ଶ୍ୟାମ ସୁନ୍ଦର ପାମିୟାଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଫଟୋ: ଅଗ୍ନିଶମବାହିନୀ କର୍ମଚାରୀମାନେ ଅଗ୍ନି ନିରାପତ୍ତା ଯାଞ୍ଚ କରୁଛନ୍ତି।

## ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ଜିଲା ଅମଲା ସଂଘ



ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଅମଲାସଂଘ କର୍ମକର୍ତ୍ତାମାନେ।

ଜୟପୁର, ୧୬।୫ (ନି.ପ୍ର.)

କୋରାପୁଟ ଜିଲା ଅମଲା ସଂଘର ପାଣ୍ଠି ଅପବ୍ୟବହାର କରି ଲକ୍ଷାଧିକ ଟଙ୍କା ହେରଫେର କରାଯାଇଥିବା ନେଇ ଜିଲା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶ, ସଭାପତି, କୋଷାଧକ୍ଷ ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ସୋମବାର ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏକ ଲିଖିତ ଅଭିଯୋଗପତ୍ର ଏସ୍‌ପିଙ୍କୁ ଦେଇଛନ୍ତି। ଜିଲା ଅମଲା ସଂଘର ପୂର୍ବତନ ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ କ୍ଷମତାର ଅପବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ଏହି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାର ନକଲ ଜିଲାପାଳ ଓ ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକଙ୍କ ନିକଟକୁ ପଠାଇଛନ୍ତି।

## ବିଷ କ୍ରିୟାରେ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୬।୫

ବିଷ କ୍ରିୟାରେ ଗୁରୁତର ଥିବା ମହିଳାଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତା ଜଣଙ୍କ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ.ସାମନ୍ତରାୟପୁର ଗ୍ରାମର ଗୀତା ବିଷୋୟୀ(୪୦)। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୨୬୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଗୀତା ଓ ତାଙ୍କ ସ୍ୱାମୀ ଭଗବାନ ବିଷୋୟୀଙ୍କ ମଧ୍ୟରେ ରବିବାର ଝଗଡ଼ା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଗୀତା ରବିବାର ସନ୍ଧ୍ୟାରେ ଗାଁ ନିକଟସ୍ଥ ନୂଆବନ୍ଧ ପୋଖରୀକୁ ଯାଇଥିବା ବେଳେ ସେଠାରେ ସେ ବାନ୍ତି କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକ ସେଠାରେ ପହଞ୍ଚି ଗୀତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗୀତାଙ୍କ ମୃତ୍ୟୁ ଘଟିଥିଲା। ବିଷ କ୍ରିୟାରେ ତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

## ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ

ବ୍ରହ୍ମପୁର ଅଫିସ,୧୬।୫

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ନିକଟରେ ଥିବା ଏକ ଟ୍ରାନ୍ସଫର୍ମରରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଟ୍ରାନ୍ସଫର୍ମରଟି ଜଳି ଉଠିବା ସହ ସେଥିରୁ ସଲଗ୍ନ ହୋଇଥିବା ତାର ଗୁଡିକ ପୋଡି ଜଳିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକ ଉଭୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଫୋନ କରି ଜଣାଇଥିଲେ। ସେହିପରି ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ପହଞ୍ଚି ଉକ୍ତ ଟ୍ରାନ୍ସଫର୍ମରରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଥିଲେ। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଅର୍ଦ୍ଧାଧିକ ସ୍ଥାନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

କୋରାପୁଟ,୧୬।୫(ସ୍ୱ.ପ୍ର.)

**ସହରରେ ଅଗ୍ନିଶମ ବିଭାଗର ଯାଞ୍ଚ**

ସୋମବାର କୋରାପୁଟ ଅଗ୍ନିଶମ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲ, କ୍ୟାର୍ଯ୍ୟାଳୟ, ହସ୍‌ପିଟାଲ, ମହାବିଦ୍ୟାଳୟ ଆଦି ସ୍ଥାନରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରାଙ୍କ ନେତୃତ୍ୱରେ ପଟ୍ଟାଙ୍ଗି ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ଚିତ ରଞ୍ଜନ ସେଠୀଙ୍କ ସମେତ କର୍ମଚାରୀମାନେ ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ଓଜି ବିଲଡିଂ, ମେଡିକାଲ, ରାଜ ହୋଟେଲ, ଟ୍ୟାଲେଣ୍ଟ ମହାବିଦ୍ୟାଳୟ, ବିକାଶ ହସ୍‌ପିଟାଲ, ଜେଲ ସମେତ ବିଭିନ୍ନ ସ୍ଥାନରେ ଅଗ୍ନି ନିରାପତ୍ତା ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉପରୋକ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନ କର୍ତ୍ତୃପକ୍ଷ ସମସ୍ତ କି ନାହିଁ, ସେମାନଙ୍କ ପାଖରେ ପ୍ରମାଣପତ୍ର ଅଛି କି ନାହିଁ ଯାଞ୍ଚ କରାଯାଇଥିଲା। ଏହି ସମୟରେ କେବଳ ଟାଲେଣ୍ଟ କଲେଜ ଓ ବିକାଶ ହସପିଟାଲଠାରେ ଅଗ୍ନି ନିରାପତ୍ତା ନେଇ ପ୍ରମାଣପତ୍ର ରହିଥିବାବେଳେ ରାଜ ହୋଟେଲ ସମେତ ମେଡିକାଲ, ଜେଲ ଆଦିରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ସମେତ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ନିକଟକୁ ଆସନ୍ତା ଦୁଇ ଦିନ ମଧ୍ୟରେ ନୋଟିସ ପଠାଯିବ ବୋଲି ଅଗ୍ନିଶମ ଅଧିକାରୀ ବେହେରା କହିଛନ୍ତି।



ଅଗ୍ନିଶମ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

# ଝରଣା ପାଣିରେ ଚଳୁଛନ୍ତି ୯୮ ପରିବାର

ଦଶମନ୍ତପୁର,୧୬।୫ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଉପରଗଦଲା ଗ୍ରାମରେ ପାନୀୟ ଜଳ ସଙ୍କଟ ଗ୍ରାମବାସୀଙ୍କୁ ଅତିଷ୍ଠ କରିଛି। ଗ୍ରାମର ଆଦିବାସୀ ସାହିରେ ୯୮ ପରିବାର ଥିବାବେଳେ ଗୋଟିଏ ମାତ୍ର

**ଉପରଗଦଲା ଗାଁ**

- ନଳକୂପରୁ ବାହାରୁନି ଆବଶ୍ୟକ ପାଣି
- ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ ଜଣାଇ ମିଳିନି ସୁଫଳ
- ପଞ୍ଚାୟତରୁ ପ୍ରସ୍ତାବ ଆସିଲେ ପଦକ୍ଷେପ ନେବୁ: ଯନ୍ତ୍ରୀ

ନଳକୂପ ରହିଛି। ଏହି ନଳକୂପରୁ ଆବଶ୍ୟକ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ ହୋଇ



ଗ୍ରାମବାସୀ ଝରଣାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ସେମାନେ ଝରଣା ପାଣି ସଂଗ୍ରହ କରି ଚଳୁଥିବା ଗ୍ରାମର ସୁଶୀଲ ଜାନି, ବାସପତି ମୁଦୁଲି, ସୁମିତ୍ରା ଜାନି, ମିରୁ ମୁଦୁଲି, ଲୋବେନା ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ଗ୍ରାମରେ ପାନୀୟ ଜଳ ସୁବିଧା ନେଇ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ମିଶନର କନିଷ୍ଠ ଯନ୍ତ୍ରୀ ସଞ୍ଜିତ କୁମାର ଅଲିଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମର ସମ୍ପୃକ୍ତ ଆଦିବାସୀ ସାହିରେ ନୂତନ ନଳକୂପ ଲାଗି ପଞ୍ଚାୟତରୁ ପ୍ରସ୍ତାବ ଆସିଲେ ଆମେ ଏ ଦିଗରେ ପଦକ୍ଷେପ ନେବୁ। ଏନେଇ ସରପଞ୍ଚ ସାଇବେଣୀ ଜାନିଙ୍କୁ ପଚାରିବାରୁ ଆଦିବାସୀ ସାହିରେ ନଳକୂପ ଖନନ ଲାଗି ପଞ୍ଚାୟତ ପକ୍ଷରୁ ବିଭାଗୀୟ ଯନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ଯିବ ବୋଲି କହିଥିଲେ।

